# Akashvani, Sambalpur

# SAMBALPURI NEWS MORNING BULLETIN

## 13 September 2026 - 6.47- 6.52 am.

---

ବ୍ରିକ୍ସ ଶିଖର୍ ସମ୍ମିଳନୀ          ଆର୍ଏନ୍ୟୁ/ ସମ୍ବଲପୁର

ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ଠାନେ ଗଲାକାଏଲ୍ଠାନୁ ଦୁଇ ଦିନିଆ ୧୮ ନମ୍ବର୍ ବ୍ରିକ୍ସ ଶିଖର୍ ସମ୍ମିଳନୀ ମୁଲ୍ ହେଇଛେ । ପହେଲା ଦିନର୍ ଅଧିବେଶନ୍ଥି ପ୍ରଧାନ୍ମନ୍ତ୍ରୀଙ୍କର୍ ପ୍ରସ୍ତାବିତ୍ ଘୋଷଣାପତ୍ର ସର୍ବସମ୍ମତିଥି ଗୃହିତ୍ ହେଇଛେ । ନୂଆଦିଲ୍ଲୀ ଘୋଷ୍ନା ନାମା ବାହାର୍ କରିକରି ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍, ଇ ଘୋଷ୍ନାପତ୍ର ସଦସ୍ୟ ଦେଶ୍ମାନ୍କର୍ ସହଭାଗୀ ସଂକଳ୍ପକେ ଦର୍ଶଉଛେ । ଇତାର୍ କାର୍ଯ୍ୟାନ୍ୱୟନ୍ ସବୁ ଅଂଶୀଦାର୍ ରାଷ୍ଟ୍ରର୍ ସହଭାଗୀ ଦାୟିତ୍ୱ ବଲି ଶ୍ରୀ ମୋଦୀ ଇ ଅବ୍ସରେ କହିଛନ୍ । ଆଏବା ୨୦ ବଛର୍ ଲାଗି ନୂଆଁ ଆଉ ମହତ୍ୱାକାଂକ୍ଷୀ ରୂପ୍ରେଖ୍ ତିଆର୍ ଉପ୍ରେ କାମ୍ କର୍ବାର୍କେ ଉଦ୍ଘାଟନୀ ସମାରୋହଥି ଶ୍ରୀ ମୋଦୀ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରମାନ୍କୁ ଆହ୍ୱାନ୍ ଦେଇଛନ୍ ।

ଇତାର୍‌ସହେତେ ବୈଶ୍ୱିକ୍ ଶାସନ୍ ବ୍ୟବସ୍ଥାଥି ସୁଧାର୍ ଲାଗି ସେ ୧୦ ସୂତ୍ରୀ ପ୍ରସ୍ତାବ୍ ଭିଲ୍ ଉପସ୍ଥାପନ୍ କରିଛନ୍ ।

ମୁଖ୍ୟମନ୍ତ୍ରୀ- ୟୁଏଇ        ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ୩ ଦିନିଆ ସଂଯୁକ୍ତ ଆରବ୍ ଆମିରେଟ୍‌ସ- ୟୁଏଇ ଗସ୍ତ ଶେଷ୍ ହେଇଛେ । ୩ ଦିନେ ଶିଳ୍ପପତି, ବ୍ୟବସାୟିକ୍ ସଂସ୍ଥା, ବରିଷ୍ଠ ଅଧିକାରୀମାନ୍‌କର୍ ସହେତେ ୫୨ ଟା ବୈଠକ୍, ୪୬ ଟା ଓ୍ୱାନ୍-ଟୁ-ଓ୍ୱାନ୍ ଆଲୋଚନା, ଆଉ ୬ ଟା ଗୋଲ୍‌ଟେବୁଲ୍ ବୈଠକ୍ ହେଇଛେ । ୮ ଟା କମ୍ପାନୀ ସହେତେ ବୁଝାମଣାପତ୍ର ଆଉ ୧୬ ଟା ନିବେଶ୍ ଆଗ୍ରହ ପତ୍ର ସ୍ୱାକ୍ଷରିତ୍ ହେଇଛେ । ଯେନ୍‌ଥିର୍‌ଲାଗି ରାଜ୍ୟକେ ୨ ଲାଖ୍ ୪୩ ହଜାର୍ ଶହେ ୬୨ କୋଟିର୍ ନିବେଶ୍ ପ୍ରସ୍ତାବ୍ ମିଲିଛେ । ଇ ନିବେଶ୍ ରାଜ୍ୟର୍ ଲାଗି ୮ ଲାଖ୍ ୯୫ ହଜାର୍‌ନୁ ଅଏତ୍‌କା ନିଯୁକ୍ତି ଆଉ ରୋଜ୍‌ଗାର୍ ସୁଯୋଗ୍ ତିଆର୍ କର୍ବା ବଲି ଜନାପଡ଼ିଛେ । ପର୍ଯ୍ୟଟନ୍ ନୁ ମୁଲ୍ କରିକରି ଏ.ଆଇ. ଆଉ ଡାଟା ସେଂଟର୍ ଦୁହି ପାରମ୍ପରିକ୍ ଶିଳ୍ପ ଠାନୁ ନୂଆଁ ସମ୍ଭାବ୍ୟ ଶିଳ୍ପ କ୍ଷେତ୍ରର ନିବେଶକ୍‌ମାନେ ଓଡ଼ିଶା ନ

ନିବେଶ୍ ଲାଗି ଆଗ୍ରହ ଦେଖେଇଛନ୍ । ୟୁଏଇ ନିବେଶକ୍ ସମ୍ମିଲନୀ ଓଡ଼ିଶାର୍ ବୈଶ୍ୱିକ୍ ନିବେଶ୍ କୌଶଲ୍ ଆଉ ମଧ୍ୟପ୍ରାଚ୍ୟ ଦ୍ୱିପାକ୍ଷିକ୍ ସମ୍ପର୍କକେ ବର୍‌କସ୍ କରୁଛେ ।

ବୁଝାମଣାପତ୍ର -ପି.ଏମ୍.ଶ୍ରୀ ବିଦ୍ୟାଳୟ ଆଇ ଆଣ୍ଡ୍ ପି.ଆର୍

ରାଜ୍ୟର୍ ୨୬ ଟା ପି.ଏମ୍.ଶ୍ରୀ ବିଦ୍ୟାଳୟ ନ ଧନ୍ଦାମୂଲକ୍ ଶିକ୍ଷାକେ ବର୍‌କସ୍ କର୍‌ବାର୍ ଲାଗି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକରଣ ପ୍ରାଧିକରଣ୍ ଓସେପା ଆଉ ଓଡ଼ିଶା କୃଷି ଆଉ ବୈଷୟିକ୍ ବିଶ୍ୱବିଦ୍ୟାଳୟ ଓୟୁଏଟି ଭିତ୍‌ରେ ଜରୁରୀ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଇ ଚୁକ୍ତି ଅଧୀନ୍‌ଥି ରାଜ୍ୟର୍ ୨୦ ଟା ଜିଲଲାର୍ ୨୬ ଟା ପିଏମ୍‌ଶ୍ରୀ ସର୍‌କାରୀ ଉଚ୍ଚବିଦ୍ୟାଳୟ ନ ଡୁଏଲ୍ ମୋଡ଼୍ ଭୋକେସ୍‌ନାଲ୍ ଏଜୁକେସନ୍ କାର୍ଯ୍ୟକ୍ରମ୍ ମୁଲ୍ ହେବା । ଯୋଜ୍‌ନାଥି ୯ ଆଉ ୧୦ ଶ୍ରେଣୀର୍ ଛାତ୍ରଛାତ୍ରୀମାନ୍‌କୁ ଚାଷ୍ ଆଉ ଆନୁସଙ୍ଗିକ୍ କ୍ଷେତ୍ରଥି ବ୍ୟବହାରିକ୍ ତାଲିମ୍ ଦିଆଯିବା ।

ମେଗା ରକ୍ତଦାନ୍ ଶିବିର ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଜନମ୍ ଦିନ୍ ଅବ୍‌ସରେ ଆଏବା ୧୭ ତାରିଖ୍ ଦୀର୍ଘାୟୁ ଭବ ନାଁଥି ଶୁଭେଚ୍ଛା କାର୍ଯ୍ୟକ୍ରମ୍ କରାଯିବା । ଇଥି ଗୁଟେ ମେଗା ରକ୍ତଦାନ୍ ଶିବିର୍ ଆୟୋଜନ୍ କରାଯିବା । ଆଏବା ୧୭ ତାରିଖ୍‌ନୁ ମାସେ ଧରିକରି ସେବା ସଂକଳ୍ପ ଅଭିଯାନ୍ ମୁଲ୍ କରାଯିବା ଆଉ ସମାଜ୍‌ର ସବୁ ବର୍ଗର୍ ଲୁକ୍‌କୁ ଇ ଅଭିଯାନ୍‌ଥି ସାମିଲ୍ କରାଯିବା । ଇ ଅଭିଯାନ୍‌ଥି ୧୩ ଟା ପ୍ରମୁଖ୍ ସେବା କାର୍ଯ୍ୟକ୍ରମ୍‌କେ ହାତ୍‌କେ ନିଆଯାଇଛେ ।

ଜନଅଭିଯୋଗ ଶୁଣାଣି ଶିବିର ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଆଏବାକାଏଲ୍ ବନ୍ଦ୍ ରହେବା । ସର୍‌କାରୀ ଛୁଟି ଦିନ୍ ଥିବାର୍‌ନୁ ଆଏବା କାଏଲ୍ ଭୁବ୍‌ନେଶ୍ୱର୍ ୟୁନିଟ-୨ ଠାନେ ହେବାର୍‌କେ ଥିବା ଅଭିଯୋଗ୍ ଶୁଣାଣିକେ ବନ୍ଦ୍ ରଖାଯାଇଛେ । ପରବର୍ତୀ ଶୁଣାଣି ତାରିଖ୍ ସମ୍ବାଦପତ୍ର ଆଉ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା

ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ନିକୁଞ୍ଜ ଲୀଳା ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଗଲାକାଏଲ୍ ପବିତ୍ର ଦାବାଗ୍ନି ଲୀଳା ହେଇଥିବାର୍ ବେଲେ ଆଏଜ୍ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍କର୍ ନିକୁଞ୍ଜ ଲୀଳା ହେବା । ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ରୁ ଶ୍ରୀମନ୍ଦିର୍ ନ ଚାଲିଥିବା ଶ୍ରୀକୃଷଣଙ୍କର୍ ଲୀଳାଥି ଆଏଜ୍ ସନ୍ଧ୍ୟାଧୂପ ଉତ୍ରୁ ଇ ସ୍ୱତନ୍ତ୍ର ବିଧି ପାଲନ୍ କରାଯିବା । ଭୁଦୋ ମାସର୍ ଉଜଲ୍ ପଖର୍ ଦ୍ୱିତୀୟା ତିଥି ଦିନ ରାମକୃଷ୍ଣ ନାଟମଣ୍ଡପ ନ ବିଜେ ହେବାର୍ ଉତ୍ରୁ ହରଚଣ୍ଡି ସାହି ଲୁକେ ଇ ସ୍ୱତନ୍ତ୍ର ଲୀଳା ପ୍ରସ୍ତାବ କର୍ବେ ।

ଏନାଟୋମି, ଫିଜିଓଲୋଜି ପରୀକ୍ଷାଗାର ଆର୍ଏନ୍ୟୁ/ ସମ୍ବଲପୁର

ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଲୟ- ଭସୁଟ୍ର ବାୟୋ ମେଟିକାଲ୍ ଇଞ୍ଜିନିୟରିଂ ବିଭାଗ୍ ଅଧୀନ୍ଥି ନୂଆଁକରି

ତିଆର୍ ହେଇଥିବା ଏନାଟୋମି ଆଉ ଫିଜିଓଲୋଜି ପରୀକ୍ଷାଗାର ଲୋକାର୍ପିତ୍ ହେଇଛେ । ଭିସୁଟ୍ କର୍ତୃପକ୍ଷଙ୍କର୍ ସୂଚ୍‌ନା ଅନ୍‌ସାରେ ଇଟା ରାଜ୍ୟର୍ ପହେଲା ଲେବ୍ ଆଏ । ଇତାର୍ ଥାପ୍‌ନା ବାୟୋମେଡ଼ିକାଲ୍ ଶିକ୍ଷା, ପ୍ରାୟୋଗିକ୍ ଅନୁଶୀଳନ୍ ଆଉ ଗବେଷଣା କ୍ଷେତ୍ରଥି ରାଏଜେ ଗୁଟେ ନୂଆଁ ଅଧ୍ୟାୟ ମୁଲ୍ କରିଛେ । ଇତାର୍‌ସହେତେ ଗବେଷଣା ଆଉ ନବସୃଜନ୍ କ୍ଷେତ୍ରଥି ଭିଲ୍ ଇଟା ଗୁଟେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା ବଲି ବିଶ୍ୱବିଦ୍ୟାଳୟ କର୍ତୃପକ୍ଷ ଆଶାପ୍ରକାଶ୍ କରିଛନ୍ ।

ନୂଆଖାଇ କଲାହାଣ୍ଡି ସମ୍ବାଦଦାତା

ପର୍ଶ୍ଚିମ ଓଡ଼ିଶାର୍ କୃଷିଭିତିକ୍ ଗଣପର୍ବ ନୂଆଖାଇ ଆଏବା ମଙ୍ଗଲ୍‌ବାର୍ ଦିନ ପାଲନ୍ କରାଯିବା । ହେଲେ କଲାହାଣ୍ଡି ଜିଲ୍ଲାର୍ କେସିଙ୍ଗା ବ୍ଲକ୍ ପଥର୍ଲା ବାହାଦୂର୍‌ପଦର୍ ଆଉ ପଲ୍‌କାପଡ଼ା ଇଲାକାର୍ ଲୁକେ ଗଲାକାଏଲ୍ ନୂଆଖାଇ ପାଲନ୍ କରିଛନ୍ । ଜିଲ୍ଲା ନ ୫ ଟା ଖେପେ ନୂଆଖାଇ ପାଲନ୍ କରାଯିବାର୍ ପରମ୍ପରା ରହିଛେ ।

ଫୁଟ୍‌ବଲ୍      ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ସିନିୟର୍ ନକ୍‌ଆଉଟ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ ଗଲାକାଏଲ୍ ଶେଷ୍ ହେଇଛେ । ୧୦ ଦିନ୍ ଧରିକରି ଚାଲିଥିବା ଟୁର୍ଣ୍ଣାମେଂଟ୍‌ର ଫାଇନାଲ୍ ମେଚ୍ ବଲାଙ୍ଗିର୍ ଗାନ୍ଧୀ ଷ୍ଟାଡ଼ିୟମ୍ ନ ଖେଲାଯାଇଥିଲା । ଫାଇନାଲ୍ ମେଚ୍‌ଥି ବଲାଙ୍ଗିର୍ ଦଲ୍ ନକ୍‌ଟସର କେ ୩-୨ ଗୋଲ୍‌ଥି ହରେଇକରି ଚାମ୍ପିଅନ୍ ହେଇଛେ । ଫାଇନାଲ୍ ମେଚ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ବିଜେତା ଆଉ ଉପବିଜେତା ଦଲ୍‌କେ ପୁରସ୍କୃତ୍ କରିଥିଲେ । ଟୁର୍ଣ୍ଣାମେଂଟ୍‌ଥି ୭୨ ଟା ଫୁଟ୍‌ବଲ୍ ଦଲ୍ ଭାଗ୍ ନେଇଥିଲେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପଶ୍ଚିମ ବଙ୍ଗୋସାଗର୍ ଆଉ ତାର୍ ପାଖର୍ ଇଲାକା ନ ସକ୍ରିୟ ଲଘୁଚାପ୍ କ୍ଷେତ୍ର ପଶ୍ଚିମ-ଉତର୍ ପଶ୍ଚିମ ଦିଗ୍ ଦେଇକରି

ଉତର୍ ଉପକୂଳ ଆନ୍ଧ୍ରପ୍ରଦେଶ୍ ଆଉ ଦକ୍ଷିଣ ଓଡ଼ିଶା ଆଡ଼୍କେ ଯାଉଛେ । ଇତାର୍ ପ୍ରଭାବଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଆଏଜ୍ ସଖାଲ୍ ଭିତ୍‌ରେ ଜବର୍ ବର୍ଷା ହେବା ବଲି ବର୍‌ଗଡ଼୍, ନୂଆପଡ଼ା, ବଲାଙ୍ଗିର୍, କଲାହାଣ୍ଡି, ନବରଙ୍ଗ୍‌ପୁର୍, କୋରାପୁଟ ଆଉ ମାଲ୍‌କାନ୍‌ଗିରି ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ । ପାଖାପାଖି ସବୁ ଜିଲ୍ଲା ନ ଚଡ଼କ୍ ମାର୍‌ବାର୍ ସହେତେ ବର୍ଷା ହେବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।